# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 October – 2026

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାକୁ ଆଜି ପୂରିଲା ଏକ ବର୍ଷ
- ଶକ୍ତି ଓ ଉପାସନାର ପର୍ବ ନବରାତ୍ରୀ ଆଜିଠାରୁ ହେଲା ଆରମ୍ଭ; ଶକ୍ତିପୀଠଗୁଡ଼ିକରେ ମା' ଦୁର୍ଗାଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା

– ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉଙ୍କ ୮ ଦିନ ବ୍ୟାପୀ ଗୁପ୍ତଗୁଣ୍ଡିଚା ଯାତ୍ରା

– ମା' ବିରଜାଙ୍କ ନବଦିନାତ୍ମକ ବିଜୟା ରଥଯାତ୍ରା ଆରମ୍ଭ

- ଲୋକନାୟକ ଜୟପ୍ରକାଶ ନାରାୟଣ ଓ ସହିଦ ବାଜିରାଉତଙ୍କ ପୁଣ୍ୟତିଥିରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି

ଏବଂ

- 'ବାଲ୍ୟବିବାହ ବନ୍ଦ ଏବଂ କନ୍ୟା ସନ୍ତାନକୁ ସହଯୋଗ ପ୍ରଦାନର' ବାର୍ତ୍ତା ନେଇ ପାଳନ କରାଯାଉଛି ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

Desk

# ପି.ଏମ-ଧନଧାନ୍ୟ ଯୋଜନା

ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାକୁ ଆଜି ଏକବର୍ଷ ପୂରଣ ହୋଇଛି । ଗତବର୍ଷ ଅକ୍ଟୋବର ମାସ ୧୧ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ୧୦୦ଟି ଆକାଂକ୍ଷୀ ଜିଲ୍ଲାରେ କୃଷି କ୍ଷେତ୍ରକୁ ସୁଦୃଢ କରିବା ଲକ୍ଷ୍ୟ ନେଇ ଏହି ଯୋଜନାର ଶୁଭାରମ୍ଭ କରିଥିଲେ । କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଅନୁଯାୟୀ ଯୋଜନାର ଅବଧିକୁ ଛଅବର୍ଷ ଧାର୍ଯ୍ୟ କରାଯାଇଛି । ଜିଲ୍ଲାସ୍ତରରେ କୃଷି କ୍ଷେତ୍ରର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟ ନେଇ ସମ୍ପୃକ୍ତ ରାଜ୍ୟ, ଘରୋଇ କ୍ଷେତ୍ର, ୧୧ଟି ମନ୍ତ୍ରଣାଳୟ ଓ ବିଭାଗର ୩୬ଟି ଅନ୍ୟ ଯୋଜନାକୁ ସମନ୍ୱିତ କରି ଧନଧାନ୍ୟ କୃଷି ଯୋଜନାକୁ କାର୍ଯ୍ୟକାରୀ କରାଯାଇଛି ।

Desk

# ନବରାତ୍ରି

ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିର ପ୍ରଥମ ଦିନରେ  ଆଜି ମା' ଆଦିଶକ୍ତୀ ପ୍ରଥମ ସ୍ୱରୂପା ଶୈଳପୁତ୍ରୀଙ୍କର ଉପାସନା ଆରମ୍ଭ ହୋଇଛି। ଶାରଦୀୟ ନବରାତ୍ରରେ ନଅଦିନ ଧରି ମା' ଦୁର୍ଗା ଏବଂ ତାଙ୍କର ୯ଟି ଭିନ୍ନସ୍ୱରୂପକୁ ବିଧିବିଧାନ ସହକାରେ ପୂଜା କରାଯିବାର ପରମ୍ପରା ରହିଅଛି। ବ୍ରତଧାରୀମାନେ ନିଷ୍ଠାର ସହ ମା'ଙ୍କ ଉପାସନା କରୁଛନ୍ତି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ଉପସ୍ଥାପନା...

ଶରତର ଶୁଭ୍ର ଆକାଶ, ମନରେ ଭକ୍ତି, ହୃଦୟରେ ଆସ୍ଥା ଏବଂ ଚାରିଆଡ଼େ ମା'ଙ୍କ ଆଗମନର ଅପୂର୍ବ ଅନୁଭବ। ଧୂପ, ଦୀପ ଓ ମନ୍ତ୍ର ଧ୍ୱନିରେ ମୁଖରିତ ହୋଇଉଠିଛି ପରିବେଶ। ପ୍ରଥମ ଦିନରେ ମା' ଶୈଳପୁତ୍ରୀଙ୍କୁ ଆରାଧନା କରାଯାଏ। ମା' ଅସୀମ ଶକ୍ତି, ଅଟଳ ବିଶ୍ୱାସ ଏବଂ ଅଦମ୍ୟ ସାହସର ପ୍ରତୀକ। ଶୈଳ ଅର୍ଥ ପର୍ବତ ଏବଂ ପୁତ୍ରୀ ଅର୍ଥ କନ୍ୟା। ପୁରାଣ ଅନୁସାରେ ମା' ଶୈଳପୁତ୍ରୀ ହେଉଛନ୍ତି ପର୍ବତରାଜ ହିମାଳୟଙ୍କ କନ୍ୟା। ବୃଷଭ ଉପରେ ବିରାଜମାନ ଦେବୀଙ୍କ ଗୋଟିଏ ହାତରେ ତ୍ରିଶୂଳ ଓ ଅନ୍ୟ ହାତରେ ପଦ୍ମ ଶୋଭା ପାଇଥାଏ। ତାଙ୍କର ଏହି ଦିବ୍ୟସ୍ୱରୂପ ଭକ୍ତଙ୍କ ମନରେ ଅପୂର୍ବ ଶାନ୍ତି, ଶକ୍ତି ଓ ଆତ୍ମବିଶ୍ୱାସ ଭରି ଦେଇଥାଏ। ପର୍ବତ ଯେପରି ଝଡ଼, ଝଞ୍ଜା ଓ ବିଭିନ୍ନ ଘାତପ୍ରତିଘାତ ମଧ୍ୟରେ ଅଟଳ ରହିଥାଏ, ସେହିପରି ଜୀବନର ସଂଘର୍ଷ ଭିତରେ ମଣିଷ ନିଜର ବିଶ୍ୱାସ ଓ ଧୈର୍ଯ୍ୟକୁ ଅତୁଟ ରଖିବା ପାଇଁ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥାନ୍ତି। ମା'ଙ୍କୁ ଡାକିବା ପାଇଁ ସବୁବେଳେ ମନ୍ତ୍ରର ଆବଶ୍ୟକ ପଡ଼େନାହିଁ, ଭକ୍ତର ଆକୁଳ ନିବେଦନ, ଅନ୍ତରର ଅତୁଟ ବିଶ୍ୱାସରେ ମା' ଭକ୍ତ ନିକଟକୁ ଟାଣି ହୋଇ ଆସିଥାନ୍ତି। ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

କଟକସ୍ଥିତ ଚଣ୍ଡୀ ମନ୍ଦିରରେ ମା' ଜୟଦୁର୍ଗା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

ଏ ସମ୍ପର୍କରେ କଟକ ଚଣ୍ଡୀ ମନ୍ଦିରର ପୂଜକ ମନୋଜ କୁମାର ପଣ୍ଡା କହିଛନ୍ତି...

**- V/O -**

ଯାଜପୁରର ଅନ୍ୟତମ ଶକ୍ତିପୀଠ ମା' ବିରଜାଙ୍କର ବିଜୟା ରଥଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟର ଅନ୍ୟତମ ଶକ୍ତିପୀଠ କାକଟପୁରର ମା'ମଙ୍ଗଳା, ବ୍ରହ୍ମପୁରର ମା' ତାରାତାରିଣୀ, କେନ୍ଦୁଝରର ମା' ତାରିଣୀ, ଜଗତସିଂହପୁରର ମା' ଶାରଳାଙ୍କ ପୀଠରେ ବିଶେଷ ପୂଜାର୍ଚ୍ଚନା କରାଯାଉଛି। ବର୍ଷକର ୯ ଦିନ କେବଳ ମା' ବିରଜାଙ୍କର ପାଦ ଦର୍ଶନର ସୁଯୋଗ ଭକ୍ତମାନେ ପାଇଥାନ୍ତି। ଆଜି ସନ୍ଧ୍ୟାଠାରୁ ପ୍ରତ୍ୟହ ସନ୍ଧ୍ୟାରେ ମା' ରଥାରୂଢ଼ ହୋଇ ମା' ଚର୍ତୁପାର୍ଶ୍ୱ ପରିକ୍ରମା କରିବେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି, ସମୃଦ୍ଧ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ' ଏକତା ଏବଂ ପ୍ରଗତି ପାଇଁ ଦେଶର ସଂକଳ୍ପକୁ ଆହୁରି ମଜଭୁତ କରିବାକୁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

Desk

# ଗୁପ୍ତ ଗୁଣ୍ଡିଚା ଯାତ୍ରା

ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉଙ୍କର ଆଜିଠାରୁ ଆଠଦିନ ବ୍ୟାପୀ ଗୁପ୍ତ ଗୁଣ୍ଡିଚା ଯାତ୍ରା ଆରମ୍ଭ ହେବ। ଏଥିରେ ଶ୍ରୀଜଗନ୍ନାଥ ମହାଲକ୍ଷ୍ମୀ ସ୍ୱରୂପା ମା'

ଦୁର୍ଗାଙ୍କ ସାଙ୍ଗରେ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ବିଜେ କରିବେ । ଆଶ୍ୱିନ ମାସର ଷୋଳପୂଜା ଅବସରରେ ପ୍ରଥମ ଆଠଦିନ ଠାକୁର ଦୁର୍ଗାମାଧବ ଶ୍ରୀମନ୍ଦିର ପରିସରରେ ଥିବା ମା’ ବିମଳାଙ୍କ ମନ୍ଦିର ଜଗମୋହନରେ ପୂଜା ପାଉଥିବାବେଳେ ଶେଷ ଆଠଦିନ ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିରକୁ ବିଜେ କରିବାର ବିଧି ରହିଛି । ସକାଳ ଧୂପନୀତି ଶେଷହେବା ପରେ ଠାକୁରଙ୍କର ଏହି ଯାତ୍ରା ଅନୁଷ୍ଠିତ ହେବ ।

Subarnpur

## ମହାବଳୀ ଯାତ୍ରା

ସୁବର୍ଣ୍ଣପୁରଠାରେ ପ୍ରସିଦ୍ଧ ମହାବଳୀ ଯାତ୍ରା ଗତକାଲି ମଧ୍ୟରାତ୍ରୀରୁ ଆରମ୍ଭ ହୋଇଛି। ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀଙ୍କ ମନ୍ଦିରରୁ କଳାଧଳା ଛତିଛତ୍ର ବରଣ ହୋଇ ଆସିବା ପରେ ସମଲେଶ୍ୱରୀ ମନ୍ଦିରରୁ ବରୁଆ ମହାନଦୀକୂଳ ବୁଢ଼ାରାଜାପୀଠକୁ ବିଜେ କରିଥିଲେ। ଜିଲ୍ଲାର ଶତାଧିକ ମାହେଶ୍ୱରୀ ପୀଠରେ ଦେବୀ ମାହେଶ୍ୱର ଓ ପରମେଶ୍ୱରୀଙ୍କ ଷୋଳପୂଜା ଜାରି ରହିଛି। ଗତକାଲି ଦେବୀ ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି।

Desk

## ଶ୍ରଦ୍ଧାଞ୍ଜଳି

ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଓ ଶହୀଦ ବାଜିରାଉତଙ୍କ ପୁଣ୍ୟତିଥି ଅବସରରେ ରାଜ୍ୟବାସୀ ସେମାନଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

ଏହି ଅବସରରେ ଭୁବନେଶ୍ୱରଠାରେ ଉଭୟ ବରପୁତ୍ରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ସହିଦ୍ ବାଜି ରାଉତଙ୍କ ବଳିଦାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ରାଜ୍ୟପାଳ ସାମାଜିକ ଗଣମାଧମରେ କହିଛନ୍ତି, ମାତ୍ର ୧୨ ବର୍ଷ ବୟସରେ ଅଦମ୍ୟ ସାହସ ଦେଖାଇ ଦେଶପାଇଁ ଜୀବନ ଉତ୍ସର୍ଗ କରିଥିବା ବାଜିରାଉତ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଶର ସର୍ବକନିଷ୍ଠ ସହିଦ ବାଜିରାଉତଙ୍କର ବଳିଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି ।

ଢେଙ୍କାନାଳ ଜିଲ୍ଲା ଭବନ ବ୍ଲକ ଅନ୍ତର୍ଗତ ନୀଳକଣ୍ଠପୁରଠାରେ ସହିଦ ବାଜିରାଉତଙ୍କର ୮୯ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ବାଜିରାଉତ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ଓ ବିଧାୟକ ଯୋଗଦେଇ

ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କ ବଳିଦାନର ଗୌରବମୟ ଇତିହାସକୁ ସ୍ମରଣ କରିଥିଲେ ।

ଲୋକନାୟକ ଜୟ ପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅବସରରେ ଭାରତର ଗଣତାନ୍ତ୍ରିକ ଯାତ୍ରାରେ ଏକ ଐତିହାସିକ ମୋଡ଼ ସୃଷ୍ଟି କରିଥିବା ତାଙ୍କର ସମ୍ପୂର୍ଣ୍ଣ କ୍ରାନ୍ତି ଆହ୍ୱାନ ପାଇଁ ସେ ଚିରସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟପାଳ ତାଙ୍କ ବାର୍ତ୍ତାରେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସମ୍ପୂର୍ଣ୍ଣ କ୍ରାନ୍ତିର ପ୍ରଣେତା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

Desk

## ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ

ଲିଙ୍ଗଗତ ସମାନତା ଏବଂ କନ୍ୟା ସନ୍ତାନକୁ ସମାନ ସୁଯୋଗ ଦେବା ନେଇ ଆଜି ଅନ୍ତର୍ଜାତୀୟ କନ୍ୟା ଦିବସ ପାଳନ କରାଯାଉଛି । ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ଶିକାର ନ ହେବାପାଇଁ ସଚେତନତାମୂଳକ ବାର୍ତ୍ତା ଦିଆଯାଉଛି । ଚଳିତ ବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି **"ବାଲ୍ୟ ବିବାହ ବନ୍ଦ କରିବା ଏବଂ କନ୍ୟା ସନ୍ତାନଙ୍କୁ ସହଯୋଗ ପ୍ରଦାନ**

**କରିବା।’** ୨୦୧୨ ମସିହାଠାରୁ ବିଶ୍ୱସ୍ତରରେ ଏହି ଦିବସ ପାଳନ କରାଯାଉଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଅନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ବାଳିକାଙ୍କ ସାମର୍ଥ୍ୟ, ସ୍ୱପ୍ନ ଓ ଅସୀମ ସମ୍ଭାବନାକୁ ସ୍ମରଣ କରିଛନ୍ତି। ପ୍ରତ୍ୟେକ କନ୍ୟାର ସୁରକ୍ଷା, ସମ୍ମାନ, ଶିକ୍ଷା ଓ ସର୍ବାଙ୍ଗୀନ ସଶକ୍ତୀକରଣ ସୁନିଶ୍ଚିତ କରିବାକୁ ସରକାର ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ପ୍ରତ୍ୟେକ ଝିଅଙ୍କୁ ସୀମାହୀନ ସ୍ୱପ୍ନ ଦେଖିବା ଏବଂ ସମସ୍ତ ପ୍ରତିବନ୍ଧକକୁ ଅତିକ୍ରମ କରି ଆଗକୁ ବଢ଼ିବାର ସୁଯୋଗ ଦେବା ପାଇଁ  ସମସ୍ତେ ସଂକଳ୍ପବଦ୍ଧ ହେବା ଉଚିତ।

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଢେଙ୍କାନାଳର ମିନିଷ୍ଟାଡିୟମଠାରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ଶିଶୁମାନେ ରାଷ୍ଟ୍ରର ଶ୍ରେଷ୍ଠ ସମ୍ବଳ। ସେମାନଙ୍କ ପ୍ରତି ଯତ୍ନବାନ ହେବା ପ୍ରଥମ ଦାୟିତ୍ୱ ବୋଲି କହିଛନ୍ତି।

Subarnpur

## ସେବା ସଂକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ସେବାସଂକଳ୍ପର ଆଜିର ଧାରାବାହିକରେ ଶୁଣନ୍ତୁ **"ଜଳଜୀବନ ମିଶନ"** ସମ୍ପର୍କରେ...

ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ଟ୍ୟାପ୍ ଯୋଗେ ଶୁଦ୍ଧ, ନିୟମିତ ଓ ପର୍ଯ୍ୟାପ୍ତ ପରିମାଣରେ ପାନୀୟ ଜଳ ଯୋଗାଇବା ପାଇଁ ୨୦୧୯ ମସିହା ଅଗଷ୍ଟ ମାସ ୧୫ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜଳଜୀବନ ମିଶନ ଆରମ୍ଭ ହୋଇଥିଲା। ସୁବର୍ଣ୍ଣପୁର ଜିଲ୍ଲାରେ ଏହି ମିଶନ ଅଧୀନରେ ପ୍ରତ୍ୟେକ ପରିବାରକୁ ସ୍ୱଚ୍ଛ ଓ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏ ସମ୍ପର୍କରେ ଆମ ସୁବର୍ଣ୍ଣପୁର ସମ୍ବାଦଦାତା ବେଣୁଧର ପ୍ରଧାନ ଅଧିକ ସୂଚନା ଦେଇଛନ୍ତି...

**- V/O -**

ରୁଗୁଡ଼ିପାଲିର ହିତାଧିକାରୀ ଗିତାଞ୍ଜଳୀ ରଣା ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

Sambalpur

## ମାଇ ଭାରତ

ସମ୍ବଲପୁର ଜିଲ୍ଲା ବୁର୍ଲା ଭିସୁଟରେ **'mybharat'** ପକ୍ଷରୁ 'ବନ୍ଦେ ମାତରମ୍' କ୍ୟାମ୍ପର ଉଦ୍‌ଘାଟନ ହୋଇଛି। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗଦେଇ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଏବଂ ବିକଶିତ ଭାରତ-୨୦୪୭ ସମ୍ପର୍କରେ ଆଲୋଚନା କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ଜାତୀୟ ଏକତା, ଦେଶପ୍ରେମ, ସାମ୍ବିଧାନିକ ମୂଲ୍ୟବୋଧ, ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ନେତୃତ୍ୱ ଦକ୍ଷତାର ବିକାଶ ପାଇଁ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ।

Bhadrak

## ରକ୍ତକଙ୍କଡ଼ା ସଂରକ୍ଷଣ

ଭଦ୍ରକ ଜିଲ୍ଲା ଚାନ୍ଦବାଲିଠାରେ ବନବିଭାଗ ପକ୍ଷରୁ ନୀଳ ରକ୍ତକଙ୍କଡ଼ା ସଂରକ୍ଷଣ ଉପରେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ପ୍ରାଣୀ ସର୍ବେକ୍ଷଣ ବିଭାଗର ଗବେଷକ ସୌମ୍ୟରଞ୍ଜନ ଦାସଙ୍କ ସମେତ ବିଭାଗୀୟ ଅଧିକାରୀ ଯୋଗଦେଇ ନୀଳକଙ୍କଡ଼ାର ଇତିହାସ ଓ ରକ୍ଷଣାବେକ୍ଷଣ ସମ୍ପର୍କରେ ଆଲୋଚନା କରିଥିଲେ।

Nabarangpur

## ଦଣ୍ଡକାରଣ୍ୟର ଦେଶୀୟା ସାହିତ୍ୟ

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ନବରଙ୍ଗପୁରରେ 'ଦଣ୍ଡକାରଣ୍ୟର ଦେଶୀୟା ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର ମିଶନଶକ୍ତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଦଣ୍ଡକାରଣ୍ୟ ଅଞ୍ଚଳର ସମୃଦ୍ଧ ଦେଶୀୟା ସାହିତ୍ୟ, ମୌଖିକ ପରମ୍ପରା ଓ ଆଦିବାସୀ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆଦିବାସୀ ଓ ଦେଶୀୟା ସାହିତ୍ୟର ସମୃଦ୍ଧ ପରମ୍ପରାକୁ ମୁଖ୍ୟଧାରାର ସାହିତ୍ୟ ସହ ଯୋଡ଼ିବା ଏବଂ ଏହି ଅଞ୍ଚଳର ଭାଷା, ସଂସ୍କୃତି ଓ ସାହିତ୍ୟିକ ଅବଦାନକୁ ପ୍ରଚାର ପ୍ରସାର କରିବା ଉପରେ ବକ୍ତାମାନେ ଆଲୋଚନା କରିଥିଲେ।